
ISSN : 3108-2041
ବଣମଲ୍ଲୀର ମହକ
JULY - 2026
VOL-II • ISSUE-VII

# ବଣମଲ୍ଲୀର ମହକ


ମାସିକ ଓଡିଆ ସାହିତ୍ୟ ପତ୍ରିକା

**ISSN : 3108-2041**

ଦ୍ୱିତୀୟ ବର୍ଷ | ସପ୍ତମ ସଂଖ୍ୟା

ଜୁଲାଇ - ୨୦୨୬

**VOL.02 | ISSUE.07**

**JULY - 2026**



ପ୍ରତିଷ୍ଠାତା

ଲକ୍ଷ୍ମୀନାରାୟଣ ପଟ୍ଟନାୟକ

**Founder**

Laxminarayan Pattanaik

ଠିକଣା

ମଙ୍ଗଳାଯୋଡି, ଖୋରଧା,

ଓଡିଶା - ୭୫୨୦୨୩

**Address**

Mangalajodi, Khordha
Odisha - 752023



**Place of Publication**

Mangalajodi, Khordha, Odisha - 752023
Email : emagazinebanamalli@gmail.com
Website : https://www.banamalli.org

ବଣମଲ୍ଲୀର ମହକ
ISSN : 3108-2041

Banamalliira Mahak is an open access monthly International Standard Serial Number recognized Odia Literature Journal. It is dedicated to the preservation and promotion of Odia literature and culture in Odisha and beyond. Published monthly, the journal carries the best voices of Odia literature and culture, providing a vibrant platform for Odia writers and literature lovers to express and read their creative works and ideas. This publishing service of 'Banamallira Mahak' is completely open access, free and without any charges.

## Aim & Objective

At Banamallira Mahak, our aim is to provide a unique space for contemporary and classical perspectives on Odia literature and culture, while also connecting the rich Odia literature with modern storytelling, analysis and creative expression. Through poetry, short stories, essays or any other articles, we try to explore the diverse aspects of Odia identity and creative writing.

In today's digital world, Banamallira Mahak stands as a testament to the timeless appeal of Odia literature and culture. This magazine is not just a place for literary display but a medium for cultural exchange,

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

discussion and enrichment. It is like a bridge between established and new writers, classical and contemporary literature. An attempt to expand the boundaries of Odia literature and cultural heritage. Whether you are a lone reader or a writer, Banamallira Mahak offers a unique opportunity to stay connected with Odia literature in the modern world.

## How to Submit Article

If any writer is interested in sending an article to Banamallira Mahak, he can send his article through the email or online form available by clicking on the **<Article Submission>** navigation menu button available on this website. If sending the article through email, then the article must be accurately typed in a word file with your address.

It is absolutely necessary to provide the author's name, residential address and email address along with the article sent through form of website. It is mandatory to fill in the required information requested through online form. Every writer should remember that the article sent to Banamallira Mahak should not have been published anywhere else before.

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

**Editor in Chief**

Mr. Laxminarayan Pattanaik

Mr. Salila Kumar Swain

**Editorial Board**

Mr. Bibhuti Bhusan Hota

Mrs. Debahuti Pattanaik

Dr. Mangalika Mohapatra

Dr. Laxman Sahoo

Mr. Sidheswar Tripathy

**Advisory Council**

Er. Dipti Ranjan Panda

Mr. Trilochan Das

Mr. Nishikant Kahalsingh

Mr. Ranganath Rath

Mr. Prafulla Chandra Mishra

Mr. Gopal Kishore Sen

Mr. Gopal Chandra Sao

**ISSN : 3108-2041**
**Title :** Banamallira Mahak
**Publisher :** Mr. Laxminarayan Pattanaik
**Place of Publication :** Mangalajodi, Khordha, Odisha
**Submit Article at Email :** emagazinebanamalli@gmail.com
**Website :** https://www.banamalli.org

---

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

# ସମ୍ପାଦକୀୟ

ସାହିତ୍ୟ ମଣିଷର ଅନୁଭବ, ଅନୁଭୂତି ଓ ଚିନ୍ତନର ଏକ ଜୀବନ୍ତ ଦର୍ପଣ । ଜୁଲାଇ ସଂଖ୍ୟାରେ କବିତା, ଗଳ୍ପ, ପ୍ରବନ୍ଧ ଓ ଗବେଷଣାମୂଳକ ଲେଖାର ବିବିଧ ସମାହାର ରହିଛି । ସୃଜନଶୀଳତା ସହ ଗବେଷଣାମନସ୍କତାର ସମନ୍ୱୟ ଏହି ସଂଖ୍ୟାର ମୁଖ୍ୟ ବିଶେଷତା । ସମକାଳୀନ ଜୀବନର ଅନୁଭବ ଓ ଓଡ଼ିଆ ସାହିତ୍ୟର ପରମ୍ପରା ଏଠାରେ ବିଭିନ୍ନ ରୂପରେ ପ୍ରତିଫଳିତ ହୋଇଛି । ନୂତନ ଲେଖକଙ୍କ ସ୍ୱର ସହ ଅଭିଜ୍ଞ ସ୍ରଷ୍ଟାଙ୍କ ଦୃଷ୍ଟିଭଙ୍ଗୀ ଏହି ସଂଖ୍ୟାକୁ ଆହୁରି ସମୃଦ୍ଧ କରିଛି । ବଣମଲ୍ଲୀର ମହକ ପକ୍ଷରୁ ପାଠକଙ୍କ ଚିନ୍ତନକୁ ଉଦ୍ବୁଦ୍ଧ କରିବା ଓ ସାହିତ୍ୟପ୍ରତି ଆଗ୍ରହକୁ ଗଭୀର କରିବା ହେଉଛି ଆମର ନିରନ୍ତର ପ୍ରୟାସ । ଏହି ସଂଖ୍ୟାକୁ ପାଠକମାନେ ସାଦରେ ଗ୍ରହଣ କରିବେ ବୋଲି ଆମର ଆଶା ।

**- ସମ୍ପାଦକ, ବଣମଲ୍ଲୀର ମହକ**

---

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

# ସୂଚୀପତ୍ର


## ଏ ସଂଖ୍ୟାର ସନ୍ଦର୍ଭ ଓ ସମୀକ୍ଷା..

- କେନ୍ଦୁଝର ଜିଲ୍ଲାର ସାଂସ୍କୃତିକ ବୈଭବ ଓ ଆଞ୍ଚଳିକ ଉପଭାଷା : ଏକ ଆଲୋଚନା — *ଡଃ ରଷିନାଥ ନାୟକ*

## ଏ ସଂଖ୍ୟାର କ୍ଷୁଦ୍ରଗଳ୍ପ..

- ପୁସ୍ତକାଳୟ — *ସସ୍ମିତା ମିଶ୍ର*

## ଏ ସଂଖ୍ୟାର କବିତା..

- ଭାବିନେବ.. କିଛିକାଳେ — *ତପନ ଦୀକ୍ଷିତ*
- ଲେଖ୍ବାରେ ମୋର — *ତାରାପ୍ରସାଦ ଜେନା*
- କେବେ ଗୋ ଆସିବ — *ଡଃ ଶେଖର ବନମାଳୀ ଚନ୍ଦ୍ର ନାମଦେଓ*
- କାଗେଜି ଫୁଲ — *ଇଂ ତୃପ କୁମାର ପାତ୍ର*
- ପ୍ରିୟ ପୁରୁଷ — *ଅନୁରାଧା ମହାପାତ୍ର*


---

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

- ବଣମଲ୍ଲୀର ମହକ ମାସିକ ସଂଖ୍ୟାରେ ପ୍ରକାଶିତ ବିଷୟ ଗୁଡିକର ସତ୍ୱ ସମ୍ପୃକ୍ତ ଲେଖକ ଲେଖିକାଙ୍କ ଅଧିକୃତ ଅଟେ । କେବେ କୌଣସି ଲେଖାକୁ ନେଇ କିଛି ବିବାଦୀୟ ସ୍ଥିତି କିମ୍ବା ଆଇନଗତ ସମସ୍ୟା ସୃଷ୍ଟି ହୁଏ, ସେଥିପାଇଁ ସମ୍ପୃକ୍ତ ଲେଖକ ଲେଖିକା ଦାୟୀ ରହିବେ ।

- ଯଥା ସମ୍ଭବ ବନାନଗତ ତ୍ରୁଟି ରହିତ ଲେଖା ସମ୍ପାଦନ ଦିଗରେ ଆମେ ଚେଷ୍ଟା କରିଥାଉ । ବେଳେ ବେଳେ ବୈଷୟିକ କାରଣ ବଶତଃ କିଛି କିଛି ଅନିଚ୍ଛାକୃତ ତ୍ରୁଟି ନଜରକୁ ଚାଲିଆସେ, ସେଥିପାଇଁ ଆପଣଙ୍କ ନିକଟରେ ଆମେ କ୍ଷମାପ୍ରାର୍ଥୀ ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

# କେନ୍ଦୁଝର ଜିଲ୍ଲାର ସାଂସ୍କୃତିକ ବୈଭବ ଓ ଆଞ୍ଚଳିକ ଉପଭାଷା : ଏକ ଆଲୋଚନା



## ଡ. ରଷିନାଥ ନାଏକ

ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝର
ଦୂରଭାଷ - ୭୮୯୪୧୭୩୨୭୦

Article No. 26071
Article Received On: 29-05-2026
Article Published On: 01-07-2026

ଓଡ଼ିଶା ରାଜ୍ୟର ଅନ୍ୟ ଏକ ବଡ଼ ଜିଲ୍ଲା କେନ୍ଦୁଝର ଜିଲ୍ଲା । ୧୯୪୮ ମସିହା ଜାନୁୟାରୀ ମାସ ୧ ତାରିଖ ପୂର୍ବରୁ ଏହା କେନ୍ଦୁଝର ଗଡ଼ଜାତ ରୂପେ ଇଂରେଜଙ୍କ ଦ୍ୱାରା ଶାସିତ ହେଉଥିଲା । କେନ୍ଦୁଝର ଜିଲ୍ଲା ଖଣି (ଲୁହାପଥର, ମାଙ୍ଗାନିଜ୍, କ୍ରୋମାଇଟ୍, ଜିଙ୍କ୍ ଓ ଅଭ୍ରରେ ପରିପୂର୍ଣ୍ଣ), ବୈତରଣୀ ନଦୀ, ଘଟଗାଁ ତାରିଣୀ, ସାନଘାଗରା, ବଡ଼ ଘାଗରା, ବଳଦେବ ଜୀଉଙ୍କ ବଡ଼ ରଥ, ମୁର୍ଗାମହାଦେବ, ଗୋନାସିକା, ଭୀମକୁଣ୍ଡ, ଗୁଣ୍ଡିଚାଘାଇ, ହାଣ୍ଡିଭଙ୍ଗା, ସୀତାବିଞ୍ଜି ଓ ହସ୍ତଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଛି । ଭୌଗୋଳିକ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ସ୍ଥିତି କଥା ବିଚାର କଲେ ଜିଲ୍ଲାଟି ଓଡ଼ିଶାର ଉତ୍ତରାଞ୍ଚଳରେ ଅବସ୍ଥିତ । ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ଢେଙ୍କାନାଳ ଓ ସୁନ୍ଦରଗଡ଼ ଜିଲ୍ଲା କେନ୍ଦୁଝର ଜିଲ୍ଲାର ଚତୁଃପାର୍ଶ୍ୱରେ ଅବସ୍ଥିତ । ଏହାର ଆୟତନ ୮,୩୦୩ ବର୍ଗ କି.ମି. ।୨୦୧୧ ଜନଗଣନା ଅନୁଯାୟୀ ଏହି ଜିଲ୍ଲାର ଲୋକ ସଂଖ୍ୟା ୧୮,୦୧,୭୩୩ ଜଣ । ଏଥିରେ ପୁରୁଷ ସଂଖ୍ୟା - ୯,୦୭,୪୮୩ ଜଣ, ମହିଳା ସଂଖ୍ୟା ୮,୯୪,୨୫୦ ଜଣ ଓ ଜନଜାତି ସଂଖ୍ୟା ୭,୦୪,୩୫୭ ଜଣ, ଆଦିବାସୀ ସଂଖ୍ୟା- ୮,୧୧,୪୯୮ ଜଣ । କେନ୍ଦୁଝର ଜିଲ୍ଲାର ସବ୍‌ଡିଭିଜନ ସଂଖ୍ୟା ୩ ଟି, ଯଥା- ଆନନ୍ଦପୁର, ଚମ୍ପୁଆ ଓ କେନ୍ଦୁଝର । ତହସିଲ ସଂଖ୍ୟା ୧୩ ଟି, ମ୍ୟୁନିସିପାଲିଟି ସଂଖ୍ୟା ୪ ଟି ଓ ଏନ୍.ଏ.ସି. ସଂଖ୍ୟା ୧ ଟି । ଗ୍ରାମ ସଂଖ୍ୟା ୨୧୩୭ ଟି ଥାଇ ପର୍ବତ, ଝରଣା, ନଦନଦୀ, ପାହାଡ଼ ଓ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ଅଧିବାସୀଙ୍କ ଭାଷା, ସଂସ୍କୃତି ଓ ରୀତିନୀତି ଦ୍ୱାରା ଏହି ଜିଲ୍ଲାଟି ସମୃଦ୍ଧ ।

ସରଳ ଓ ସ୍ୱଚ୍ଛ ଜୀବନ ଯାପନ କରୁଥିବା ଅଧିବାସୀଙ୍କ ମଧ୍ୟରେ ସାଧାରଣ ବର୍ଗ, ଅନୁସୂଚିତ ଜାତି ଓ ଆଦିବାସୀ ଦେଖାଯାଆନ୍ତି । ବିଭିନ୍ନ ଧର୍ମର ସମାବେଶ ମଧ୍ୟ ଏହି ଜିଲ୍ଲାରେ ରହିଛି । ଯଥା: ହିନ୍ଦୁ, ମୁସଲିମ୍, ଖ୍ରୀଷ୍ଟିୟାନ, ଶିଖ, ବୌଦ୍ଧ ଓ ଜୈନ, କିନ୍ତୁ ଜିଲ୍ଲାରେ ହିନ୍ଦୁ ଧର୍ମର ଲୋକ ସଂଖ୍ୟା ଅଧିକ ।ସାଧାରଣ ଜାତି - ଯଥା: ବ୍ରାହ୍ମଣ, ଖଣ୍ଡାୟତ, କୁମ୍ଭାର, କୁଡୁମୀ, ଗଉଡ଼, ଗୋପାଳ, ଚଷା, ତେଲି, କରଣ, କମାର, ଗୁଡ଼ିଆ, ଡୁମା,

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07
ବଣମଲ୍ଲୀର ମହକ
ISSN : 3108-2041

କେଉଟ, କମାର, ରାଉତିଆ, ଖଣ୍ଡୁଆଳ ଓ ମହାନ୍ତ ସମ୍ପ୍ରଦାୟ ଅଛନ୍ତି । ଅନୁସୂଚିତ ଜାତି - ଯଥା: ଧୋବା, ପାଣ, ଘାସି, ଚମାର, ଗଣ୍ଡା, ତନ୍ତୀ, ଚମାର, ହାଡି ଓ ଧୋବା।ଆଦିବାସୀ - ଯଥା: ଜୁଆଙ୍ଗ, ଭୂୟାଁ, ଗଣ୍ଡ, ସାନ୍ତାଳ, ହୋ, କନ୍ଧ, କିଷାନ, କୋଲ୍ହ, ମୁଣ୍ଡା, ଓରାମ, ଶବର ଓ ବାଥୁଡ଼ି ଇତ୍ୟାଦି ସମ୍ପ୍ରଦାୟ ବସବାସ କରନ୍ତି ।ଏହି ଅଧିବାସୀ ୧୨ ମାସରେ ୧୩ ପର୍ବ ପାଳନ କରନ୍ତି । ଯଥା: କର୍ମା ପୂଜା, ବଡ଼ାମ ପୂଜା, ସୋରାନ ଯାତ୍ରା, ରଥଯାତ୍ରା, ନୂଆଖାଇ, ରଜପର୍ବ, ଶିବରାତ୍ରି, ରାମନବମୀ, ଦଶହରା, ଦୋଳଯାତ୍ରା, ରାସପୂର୍ଣ୍ଣିମା ଓ ବଡ଼ ଓଷା ପ୍ରସିଦ୍ଧ । କେନ୍ଦୁଝର ଜିଲ୍ଲା ସୃଷ୍ଟି ମୂଳରେ ଅନେକ ଲୋକକଥା ରହିଛି । କିମ୍ବଦନ୍ତୀ ଅନୁସାରେ କେନ୍ଦୁଗଛ ମୂଳରେ ନଗରଟି ସ୍ଥାପନ ହୋଇ ଥିବାରୁ, ତା'ର ନାମକରଣ କେନ୍ଦୁଝର ହୋଇଛି । ତା'ର ମନୋରମ ଦୃଶ୍ୟ ଓ କୁଳୁକୁଳୁ ଝରଣାର ଦୃଶ୍ୟକୁ ଦେଖି ଭଞ୍ଜରାଜା ଜ୍ୟୋତିଦେବ ସେହିଠି ରାଜଧାନୀ ପ୍ରତିଷ୍ଠା କରିବାକୁ ମନସ୍ଥ କଲେ । ଆଉ ଗୋଟିଏ କିମ୍ବଦନ୍ତୀ ଅନୁଯାୟୀ ବ୍ରହ୍ମା ଯାଜପୁରରେ ଦଶ୍ୱମେଧ ଯଜ୍ଞ କରୁଥିବାରୁ ଦେବାଦେବୀଙ୍କୁ ନିମନ୍ତ୍ରଣ କରାଗଲା । ଗଙ୍ଗା ନିମନ୍ତ୍ରଣହୋଇଥିବା ହେତୁ ତା'ର ନଅଟି ଧାର ମଧ୍ୟରୁ ବୈତରଣୀକୁ କେନ୍ଦୁଝରରେ ଉତ୍ପତ୍ତି କରାଇଲେ । ବୈତରଣୀଙ୍କ ଉତ୍ପତ୍ତି ସ୍ଥଳ ଜୁଆଙ୍ଗମାନଙ୍କ ପାଇଁ ବ୍ୟାଘାତ ସୃଷ୍ଟି ହେଲା । ଜୁଆଙ୍ଗମାନେ ଗୋରୁ ମୁଣ୍ଡଟିଏ ଉତ୍ପତ୍ତି ସ୍ଥଳରେ ଠେସ ଦେଇଦେଲେ, ମାତ୍ର ନଦୀର ଧାର ଗୋରୁ ମୁଣ୍ଡର

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

ଗୋଟିଏ ନାକପୁଡ଼ା ମଧ ଦେଇ ପ୍ରବାହିତ ହେଲା । ଏଥିପାଇଁ ଉତ୍ପତ୍ତି ସ୍ଥଳକୁ କୁହାଗଲା ଗୋନାସିକା । ଏହି ନଦୀ କେନ୍ଦୁଝରର ଗଙ୍ଗା ନଦୀ ।

ହିନ୍ଦୁ ସମାଜରେ ବିଭିନ୍ନ ରୀତିନୀତି ଓ ପ୍ରଥା ପରମ୍ପରା ରହିଛି । କେନ୍ଦୁଝର ଜିଲ୍ଲାର ଜିଲ୍ଲାବାସୀ ମଧ ସେହି ରୀତିନୀତି, ପ୍ରଥା ଓ ପରମ୍ପରା ଦ୍ବାରା ମୁକ୍ତ ନୁହେଁ । ହୁଏତ ସେଥିରେ କିଛିଟା ବ୍ୟତିକ୍ରମ ଦେଖା ଦେଇପାରେ ।ପରିବାରରେ ଛୁଆଟିଏ ଜନ୍ମ ହେବାଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଯେଉଁସବୁ ଜୀବନର ଗତି ମଧ ଦେଇଯାଏ, ତା' ଭିତରେ ଜନ୍ମ ହେବା, ନାମକରଣ, ଏକୋଇଶା, ଜନ୍ମବାର୍ଷିକ, ଗର୍ଭାଧାନ, ଯାନିଯାତ୍ରା, ବିବାହ ବ୍ରତ, ଦଶାହକର୍ମ ଇତ୍ୟାଦି ଭିତରେ ତା'ର ଜୀବନ ଶୈଳୀ ସ୍ଥିରୀକୃତ । ସେହି ସମୟର ଆଞ୍ଚଳିକ ଭାଷା- ଯଥା: ପଞ୍ଚୁଆତି, ଏକୁଶିଆ, ଉଠିଆରି, ପାଣି ଗାଧିବା, ପେଟରି, ଛୁତୁକିଆ ଓ ମୁତୁକିଆ ଇତ୍ୟାଦି ।ପିଲାଟିଏ ବଡ଼ ହେଲେ ବିବାହ ଯୋଗ୍ୟ ହୋଇଯାଏ ଓ ଠିକ୍ ସମୟରେ ସେ ବିବାହ କରେ । ସେହି ସମୟର ବ୍ୟବହୃତ ଶବ୍ଦ- ଯଥା: ଡାଣ୍ଡିଆ, ପିନ୍ଧାଣି, ସଙ୍ଗାତ ଓ ଛାଡିରି ଇତ୍ୟାଦି ପ୍ରଧାନ । ସାଧାରଣ ପରିବାର କିମ୍ବା ଗରିବ ପରିବାରର ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବ୍ୟବହାର କରନ୍ତି । ବ୍ଯବହୃତ ଆଞ୍ଚଳିକ ଭାଷା ଯଥା:- ଗରିଆ, ପଲମ, ନୁଟା, ଚଉତି, ଖଲି, ଡିବିରି, ଗିନା, ବେଲା, ପୁଳା, ପିଲ୍ହା , ପଟିଆ ଇତ୍ୟାଦି ପ୍ରଧାନ । କେନ୍ଦୁଝର ଜିଲ୍ଲାର ପ୍ରତ୍ୟେକ ଗାଁରେ ପୂଜକ , ଦେହୁରୀ ଓ ଡାକୁଆ ଥାଆନ୍ତି । ସେମାନେ ଗ୍ରାମର ମଙ୍ଗଳ ପାଇଁ ଓ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

କୃଷି ପାଇଁ ଗ୍ରାମ ଠାକୁରାଣୀ ଶାଳରେ ବୋଦା, କୁକୁଡ଼ା ବଳି ଦିଅନ୍ତି । ଠାକୁରାଣୀ କହିଲେ ଗୋଜିଆ ପଥର କିମ୍ବା ମାଟିରେ ତିଆରି ଘୋଡା ଓ ହାତୀର ପ୍ରତୀକ । ଅଧିବାସୀମାନେ ଭୂତ ପ୍ରେତ ଓ ଗୁଣିଆକୁ ବିଶ୍ବାସ କରୁଥିବା ହେତୁ ଏ ସମ୍ପର୍କିତ ଆଞ୍ଚଳିକ ଶବ୍ଦ ବ୍ଯବହୃତ । ଯଥା :- ଗୁଣିଆ, ପାଙ୍ଗିଣିଆ, କାଳି ଲଗେଇବା, ରାଉଳିଆ, ଡାହାଣୀ, ଚିରିଗୁଣି ଇତ୍ୟାଦି ପ୍ରଧାନ ।ଯଦି ଜିଲ୍ଲାର ଆଞ୍ଚଳିକ ଭାଷାକଥା ବିଚାରକୁ ନେବା, ସାର୍ବଜନୀନ ଭାବେ କହୁଥିବା ଭାଷାକଥା ସାମ୍ନାକୁ ଆସିଯିବ । ଭାଷା କହିଲେ ଭାବ ବିନିମୟର ମାଧମ ହେଉଛି ଭାଷା । ଭାଷା ବିଜ୍ଞାନୀମାନେ ଭାଷାକୁ ପ୍ରକାରଭେଦ କରିଅଛନ୍ତି । ଯଥା:- ମୂଳ ଭାଷା, ମାନକ ଭାଷା, ରାଷ୍ଟ୍ର ଭାଷା, ରାଜ ଭାଷା, ଉପଭାଷା, ବୈଜ୍ଞାନିକ ଭାଷା, ଅପଭାଷା, ସଙ୍କର ଭାଷା ଓ କୃତ୍ରିମ ଭାଷା ଇତ୍ୟାଦି । ଏହା ଭିତରୁ ଉପଭାଷା ବା ଆଞ୍ଚଳିକ ଭାଷା ଅନ୍ୟତମ । କେନ୍ଦୁଝରବାସୀ ଅନେକ ଧର୍ମ, ଅନେକ ସମ୍ପ୍ରଦାୟ, ଅନେକ ଜାତିରେ ବିଭକ୍ତ ହେତୁ ଅନେକ ପ୍ରଥା ଓ ଅନେକ ଭାଷା ବ୍ୟବହାର କରନ୍ତି । କାରଣ ବଡ଼ ବଡ଼ ପାହାଡ଼, ଜଙ୍ଗଲ, ନଦୀ ଝରଣା ଦ୍ଵାରା ଅନେକ ସ୍ଥାନ ପୃଥକ ହେତୁ ଆଞ୍ଚଳିକ ଭାଷା ସୃଷ୍ଟି ହେବା ସ୍ଵାଭାବିକ । ଜିଲ୍ଲାରେ ଓଡ଼ିଆ, ଇଂରାଜୀ, ହିନ୍ଦୀ, ହୋ, ସାନ୍ତାଳୀ ଓ ଭୂୟାଁ ଭାଷା ବ୍ୟବହୃତ ହୁଏ । ଜିଲ୍ଲାର ଲୋକେ ଯେଉଁ ଓଡ଼ିଆ ଭାଷା ବ୍ୟବହାର କରନ୍ତି ତାହାକୁ ଉତ୍ତରାଞ୍ଚଳୀୟ ଓଡ଼ିଆ ଭାଷା କୁହନ୍ତି । ଏହି ଭାଷାକୁ ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ଵର ଓ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

କେନ୍ଦୁଝରବାସୀ ବ୍ୟବହାର କରନ୍ତି । କେନ୍ଦୁଝରବାସୀ ବ୍ୟବହାର କରୁଥିବା ଆଞ୍ଚଳିକ ଓଡ଼ିଆ ଭାଷା ଆନନ୍ଦପୁର ସବ୍‌ଡିଭିଜନ ଯାଜପୁର ନିକଟବର୍ତ୍ତୀ ହେତୁ ସେହି ଭାଷା ଆନନ୍ଦପୁରବାସୀ ବ୍ୟବହାର କରୁନାହାନ୍ତି । ବାଥୁଡ଼ି, ଭୂୟାଁ, ସାନ୍ତାଳୀ ଜନଜାତି ଯେଉଁ ଭାଷା ବ୍ୟବହାର କରେ, ସେହି ଭାଷାର ସଂସ୍ପର୍ଶରେ ଆସୁଥିବା ଲୋକେ ମଧ୍ୟ ଏଥିରେ ପ୍ରଭାବିତ ହୋଇଯାଆନ୍ତି । ଉପଭାଷା ବା ଆଞ୍ଚଳିକ ଭାଷାକୁ ନେଇ ବିଜୟ ପ୍ରସାଦ ମହାପାତ୍ର କହିଛନ୍ତି- "ଉପଭାଷା ଦୃଷ୍ଟିରୁ ଓଡ଼ିଶାରେ ମୁଖ୍ୟତଃ ପାଞ୍ଚଟି ଉପଭାଷା ପ୍ରଚଳିତ, ଯେଉଁଥିରୁ ଚାରୋଟି ଜାତି ବା ଗୋଷ୍ଠୀଗତ ଓ ଗୋଟିଏ ହେଉଛି ଆଞ୍ଚଳିକ । ଓଡ଼ିଆର ଆଞ୍ଚଳିକ ଉପଭାଷାଟି ହେଲା ସମ୍ବଲପୁରୀ, ଯାହା ଓଡ଼ିଶାର ପଶ୍ଚିମାଞ୍ଚଳରେ କଥିତ ହୋଇଥାଏ । ଅନ୍ୟ ଚାରୋଟି ମାତୃଭାଷା ଗୋଷ୍ଠୀଗତ । ଏହି ଗୋଷ୍ଠୀଗତ ଉପଭାଷାଗୁଡ଼ିକ ଓଡ଼ିଶା ବା ଓଡ଼ିଶାର ଉପାନ୍ତ ଅଞ୍ଚଳରେ କେନ୍ଦୁଝରର ଭୂୟାଁ, କୋରାପୁଟର ପରଜା, ବସ୍ତର ଜିଲ୍ଲାର ଭୋଥୋଡ଼ା ଓ ଶ୍ରୀକାକୁଳମ ଜିଲ୍ଲାର ରେଲ୍ଲି ଗୋଷ୍ଠୀମାନଙ୍କ ଦ୍ୱାରା କଥିତ ହୋଇଥାଏ ।" ମୂଳତଃ କେନ୍ଦୁଝର ଜିଲ୍ଲାରେ ଯେଉଁ ଆଦିବାସୀ ବସତି ସ୍ଥାପନ କରିଛନ୍ତି, ସେମାନେ ହେଲେ ଜୁଆଙ୍ଗ, ବାଥୁଡ଼ି, ଭୂୟାଁ ଓ ସାନ୍ତାଳୀ । ଏମାନଙ୍କ ଆଞ୍ଚଳିକ ଓଡ଼ିଆ ଭାଷା ଆଲୋଚନାର ପରିସରଭୁକ୍ତ ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

ଆଞ୍ଚଳିକ ଭାଷାକୁ କେହି କେହି ବୋଲି, କେହି କେହି ଉପଭାଷା ବା ବିଭାଷା ମଧ୍ୟ କହିଥାନ୍ତି । ବାସୁଦେବ ସାହୁଙ୍କ ମତରେ - "କୌଣସି ଭାଷା ସମ୍ପ୍ରଦାୟର ଅନ୍ତର୍ଗତ ଛୋଟ ଛୋଟ ଦଳ ବା ଆଞ୍ଚଳିକ ଜନପଦରେ ପ୍ରଚଳିତ ଭାଷା ରୂପର ନାମ ଉପଭାଷା ବା ବିଭାଷା ।" ଏହି ଆଞ୍ଚଳିକ ବିଭାଷା କୌଣସି ଗୁଣରେ ଓଡ଼ିଆ ଭାଷାଠାରୁ ପୃଥକ ନୁହେଁ । ଆଦିବାସୀମାନେ ଓଡ଼ିଆକହନ୍ତି, ବୁଝନ୍ତି ଓ କହନ୍ତି କିନ୍ତୁ ସ୍ଥାନେ ସ୍ଥାନେ ନିଜସ୍ୱ ଆଞ୍ଚଳିକ ବିଭାଷାର ପ୍ରୟୋଗ କରିବାକୁ ଭୁଲନ୍ତି ନାହିଁ । ଆଞ୍ଚଳିକ ଭାଷାର ସୂଚୀ ନିମ୍ନ ପ୍ରକାର ଦର୍ଶାଗଲା ।

**"ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷା-ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷା-ଅପଭ୍ରଂଶ-ଆଞ୍ଚଳିକ ଉପଭାଷା"**

ଆଞ୍ଚଳିକ ଉପଭାଷା- ସାହିତ୍ୟକ ଓ ମୌଖିକ ଭାଷା; ସାହିତ୍ୟକ ଭାଷା-ଓଡ଼ିଆ, ବଙ୍ଗଳା, ହିନ୍ଦୀ ଓ ମରାଠୀ; ମୌଖିକ ଭାଷା- ଦକ୍ଷିଣାଞ୍ଚଳୀୟ, ଉତ୍ତରାଞ୍ଚଳୀୟ ଓ ପଶ୍ଚିମାଞ୍ଚଳୀୟ; ଦକ୍ଷିଣାଞ୍ଚଳୀୟ- ଦେଶିଆ, ଝରିଆ, ମାଟିଆ, ଭତ୍ରୀ, ଭୁଞ୍ଜିଆ; ଉତ୍ତରାଞ୍ଚଳୀୟ - ବାଥୁଡ଼ି, ଭୂୟାଁ, ସାଉଁତି, କୁରୁମାଲି; ପଶ୍ଚିମାଞ୍ଚଳୀୟ- ଶାଦ୍ରି, ଭୁଲିଆ, ବନଜାର । ଉତ୍ତରାଞ୍ଚଳୀୟ ବିଭାଷାର ଉଦାହରଣ ନିମ୍ନରେ ପ୍ରଦାନ କରାଗଲା ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ଶବ୍ଦ ଆରମ୍ଭରେ ଥିବା 'ଲ' ପରିବର୍ତ୍ତେ 'ନ' ଉଚ୍ଚାରଣ ଯଥା- ଲହୁଣୀ-ନହୁଣୀ, ଲୁଣ-ନୁଣ, ଲାଭ-ନାଭ, ଲୋକ-ନୁକ, ଲୁଗା-ନୁଗା ଇତ୍ୟାଦି । 'ଓ' ପରିବର୍ତ୍ତେ 'ଉ' ଉଚ୍ଚାରଣ, ଯଥା- ଗୋସେଇଁ-ଗୁସେଇଁ, ଗୋବର-ଗୁବୁର, ଛୋଟ-ଛୁଟ, ଝୋଟି-ଝୁଟି, ଢୋକ-ଢୁକ, କୋହ୍ଲ-କୁହ୍ଲ, କୋଇଲା-କୁଇଲା, ଔଷଧ-ଉଷଧ, ଧୋବା-ଧୁବା, ଚୋପା-ଚୁପା, ଖୋଜ-ଖୁଜ, ଗୋପାଳ-ଗୁପାଳ, ପୋଖରୀ-ପୁଖୁରୀ, ବୋହୂ-ବୁହୁ, ଗୋଟିଏ-ଗୁଟେ, ଭୋଜି-ଭୁଜି, ଗୋଡ଼ି-ଗୁଡ଼ି, ପୋକ-ପୁକ, ଗୋଡ-ଗୁଡ, ଚୋର-ଚୁର ଇତ୍ୟାଦି । 'ପ' ପରିବର୍ତ୍ତେ 'ଫ' ଉଚ୍ଚାରଣ, ଯଥା- ପଣସ-ଫଣସ, ପୋଡିବା-ଫୁଲିବା ଇତ୍ୟାଦି । 'ନାହିଁ ' ପରିବର୍ତ୍ତେ 'ନାଇଁ' ଉଚ୍ଚାରଣ, ଯଥା: -ନିଏ ନାହିଁ-ନାଇଁ ନେବି, ପଢ଼େ ନାହିଁ-ନାଇଁ ପଢିବି, ଖାଏ ନାହିଁ-ନାଇଁ ଖାଇବି, ଆସେ ନାହିଁ - ନାଇଁ ଆସିବି, କରେ ନାହିଁ - ନାଇଁ କରିବି ଇତ୍ୟାଦି । 'ବେ' ସ୍ଥାନରେ 'ମେଇଁ 'ର ବ୍ୟବହାର ଯଥା- ନେବେ-ନେମେଇଁ, ଦେବେ-ଦେମେଇଁ, କରିବେ-କରିମେଇଁ, ଖାଇବେ-ଖାଇମେଇଁ, ଯିବେ-ଯିମେଇଁ ଇତ୍ୟାଦି ।

ଯେହେତୁ ସମ୍ବଲପୁର ଜିଲ୍ଲା କେନ୍ଦୁଝର ଜିଲ୍ଲା ନିକଟବର୍ତ୍ତୀ ଏବଂ କେହି କେହି ବ୍ୟଞ୍ଜ ବ୍ୟକ୍ତିଙ୍କ ମତରେ କେନ୍ଦୁଝରର ଆଦିବାସୀମାନେ ସମ୍ବଲପୁର ମଧ୍ଯ ଦେଇ ଆଗମନ କରିଥିଲେ । କେନ୍ଦୁଝରର ସୁନ୍ଦର ଜଙ୍ଗଲ ଓ ଝରଣା ଦେଖି ସ୍ଥାୟୀ ଭାବେ ବସବାସ କରିବାକୁ ଲାଗିଲେ । ଏହା ଫଳରେ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ସମ୍ବଲପୁରୀ ଭାଷାର ପ୍ରଭାବ ଦେଖିବାକୁ ମିଳେ, ଯଥା :- ନାଇଁ ଖାଇ, ନାଇଁ ଯାଇ, ନାଇଁ ମାଗି, ମୁଇଁ ଇତ୍ୟାଦି ।

ଆଦେଶ ଓ ଅନୁରୋଧ ଅର୍ଥରେ, ଯଥା:- ନିଅ–ନିଅରେ, ବସ–ବସରେ, ଦିଅ–ଦିଅରେ ଇତ୍ୟାଦି ।

'ଗୁଡ଼ିକ' ପରିବର୍ତ୍ତେ 'ଗା' ବ୍ୟବହାର, ଯଥା:- ଘରଗୁଡିକ–ଘରଗା , ବହିଗୁଡ଼ିକ–ବହିଗା, ଆଳୁଗୁଡିକ–ଆଳୁ ଗା, ପିଲାମାନେ-ପିଲାଗା , ଲୋକମାନେ – ନୁକଗା ଇତ୍ୟାଦି ।

ଅସମାପିକା କ୍ରିୟା 'କରି' ର ବ୍ୟବହାର, ଯଥା:- ଆସି-ଆସିକରି, ଖାଇଖାଇକରି, ଦେଖି–ଦେଖିକରି, ଯାଇ-ଯାଇକରି, ନେଇ–ନେଇକରି ଇତ୍ୟାଦି । ଏହିପରି ଅନେକ ଆଞ୍ଚଳିକ ଶବ୍ଦ କେନ୍ଦୁଝରବାସୀ ବ୍ୟବହାର କରନ୍ତି । ନିମ୍ନରେ ତା'ର ସୂଚନା ପ୍ରଦାନ କରାଗଲା ।

ଯଥା:- ଅରୁଆ-ଉଆ, ଆହୁରି-ଆଉ, ତରକାରୀ-ତୁଣ, ଟାଙ୍ଗିଆ-ବୁଡ଼ିଆ, ଝଡିପୋକ-କଲେଇ, ପଡିଲା-ପଳିଲା, ଜୋତା-ଜୁତା, ମୋଟା-ମୁଟା, ଖୋଲା-ଖୁଲା, ଏଣ୍ଡୁଅ-କେଙ୍କଟ, ପିମ୍ପୁଡି-ପିମ୍ପିଳି, ଖନା-ଥତଳା, ଗର୍ଭବତୀ-ପେଟିରି, ଧାନ ବିଡା-କଚଳା, ହଲେଇବା-ହଜ କେଇବା, ରାଗିବି-ନାଗିବି, ସବଳ-ତାଗଳା, ମାଗିଖିଆ-ମାଗଣା ଖିଆ, ପାକୁଆ-ଫଗଳା, ଦଳିଲା-ମସଟିଲା,

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

ଚିମୁଟିଦେଲା-କିମିଟିଦେଲା, ପବନପୂର୍ଣ୍ଣ ମୁହଁ-ତୁମୁଳା, ଶିଳପୁଆ-ଶିଲ୍ ପୁତା, କାଶ-ଖାସ, ହଳ କଲା-ଚଷିଲା, ମୋର-ମର୍, ଏଠାରେ-ଇଠେ, ଉପବାସ-ଉପାସ, ସ୍ୱାମୀ-ଘଇତା, ସତର୍କ-ହୁସିଆର, ପୁରାତନ ପଛୀ-ଆଗ କାଳର, ଚୌକିଦାର-ଚଉକିଆ, ତରବର-ଛାନିଆ ମାନିଆ, ଏହାର-ଇଆର, ମାଂସ-ମାଇଁସ, ଏମିତି-ଇଁନ୍ତି, ଧଳା-ଧୁବୁଲା, ଫେଣ-ଫେମ୍ପଲ, ପେଟୁ-ପେଟରା, ମଧ୍ୟସ୍ଥି-ଡାଣ୍ଡିଆ, ନାଭି-ନାଉଳି, କାଛୁ-ଖେସୁ, କଖାରୁ-ବଇତାଳୁ, ସ୍ନାନ-ଗାଧାବୁଡା, ଛୁଆପିଲା-ଛୁଆପୁଆ, କଳିଗୋଳ-ନଗାଧରା, ଲୋଟା-ନୁଟା, ଚଷିବା-ଚୁଚୁମିବା, ବିହୁଡା-ବାଟିଆ, ଶବ-ମଳା, ଖୋଲା-ମେଲା, ବହଳ-ବହଳିଆ, ଯେ ହଳ କରେ-ନଙ୍ଗଳିଆ, ଛୋଟ ପୋଖରୀ-ଗାଡିଆ, ଅଛୁଆଁ-ଛୁନ୍ତା, ବାପାଙ୍କ ବଡଭାଇ-ବଡୁ, ଝାଡୁ-ବାଡୁଣି, ରୋଷେଇ ପାତ-ଖୁସୁଣୀ, ହୁତୁହୁତୁ-ଘୁଟୁଘୁଟୁ, ବାରଣ୍ଡା-ପିଣ୍ଡା, ଚଣା-ସୁଲା, ବାଡ଼-ଅଦାଳ, ଗ୍ଲାସ୍-ଗିଲାସ, ତାଟିଆ-ଗିନା, ଝାଡୁ କରିବା-ଖରକିବା, ପିଢା-ପିଲ୍ହା, ଚିନାବାଦାମ-ବାଦାମ, କୋଳଥ-କୁଳୁଥ, ଜେଜେ ବାପା-ଦାଦା, ଜେଜେ ମା-ନାନା, ଭାଉଜଙ୍କ ଭାଇ-ସାଙ୍ଗ, ଭାଉଜଙ୍କ ଭଉଣୀ-ସଙ୍ଗାତ, ଭାଉଜ-ବହୁ, ଲିମ୍ବ-ନିମ୍ବ, ବୋଦା-ବୁଦା, ପେନ୍-ଡଟ୍, ନେଲ ପଲିସ-ନଖ ପାଲିସ୍, ବ୍ରେସ୍ଲେଟାଇଟ୍-ବେଷ୍ଟାଇଟ୍, କ୍ଲିପ୍-କିଲିପି, ଶାର୍ଟ-ଅଙ୍ଗା, କଞ୍ଚା-କେଞ୍ଚା, ନାଲି-ନାଲିଆ, ପାଉଁଶ-ଖାର, ବହୁତ-ଜବର, ଗେଡା-ବାଙ୍ଗରା, ପିଜୁଳି-ପେଡା, କଣ-କିସ ଇତ୍ୟାଦି ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

**ପୁରୁଷ -**

ପ୍ରଥମ ପୁରୁଷ – ମୁଇଁ, ମକେ, ମର ଦେଇ, ମର ଠା ଣେ

ଦ୍ବିତୀୟ ପୁରୁଷ - ତୁ, ତୁଇ, ତୁମେ

ତୃତୀୟ ପୁରୁଷ – ସିଏ, ସିମାନେ, ସିଗା, ଗା

**ବାକ୍ୟ ଗଠନ -**

ମୁଁ ଖାଇବି ନାହିଁ – ମୁଇଁ ନାଇଁ ଖାଇବି ।

ଆମ୍ଭେ ମାନେ ଖାଇବୁ ନାହିଁ- ଆମେ ନାଇଁ ଖାଇମୁ ।

ତୁମେ ଖାଇବ ନାହିଁ- ତୁମେ ନାଇଁ ଖାଇବ ।

ତୁମେ ମାନେ ଖାଇବ ନାହିଁ- ତୁମେ ମାନେ ନାଇଁ ଖାଇବ ।

ସେ ଖାଇବ ନାହିଁ- ସିଏ ଖାଇବ ନାହିଁ ।

ସେମାନେ ଖାଇବେ ନାହିଁ- ସିମାନେ ନାଇଁ ଖାଇମେଇଁ ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07
ବଣମଲ୍ଲୀର ମହକ
ISSN : 3108-2041

କାଳ -

ବର୍ତ୍ତମାନ କାଳ- ମୁଁ ଖାଉଅଛି-ମୁଇଁ ଖାଉଛେଇଁ ।

ଅତୀତ କାଳ- ମୁଁ ଖାଇ ସାରିଛି- ମୁଇଁ ଖାଇସାରିଛେଇଁ ।

ଭବିଷ୍ୟତ କାଳ- ମୁଁ ଖାଇ ଆସିବି - ମୁଇଁ ଖାଇକରି ଆସିବି ।

ଓଡ଼ିଶାର ଉତ୍ତରାଞ୍ଚଳରେ ଅବସ୍ଥିତ କେନ୍ଦୁଝର ଜିଲ୍ଲା କେବଳ ଖଣିଜ ସମ୍ପଦ ବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ନୁହେଁ, ବରଂ ଏହା ମାନବୀୟ ସଂସ୍କୃତି, ପରମ୍ପରା ଏବଂ ଭାଷାଗତ ବିବିଧତାର ଏକ ଅନନ୍ୟ ଗନ୍ତାଘର । ପବିତ୍ର ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ଗୋନାସିକାର ପୌରାଣିକ କିମ୍ବଦନ୍ତୀଠାରୁ ଆରମ୍ଭ କରି ମା' ତାରିଣୀଙ୍କ ପୀଠ ଏବଂ ବଳଦେବଜୀଉଙ୍କ ବଡ଼ରଥ ପର୍ଯ୍ୟନ୍ତ, ଏହି ମାଟିର ପ୍ରତ୍ୟେକ କଣିକାରେ ଆଧ୍ୟାତ୍ମିକତା ଏବଂ ଇତିହାସ ଜଡ଼ିତ ହୋଇ ରହିଛି । ବିଭିନ୍ନ ଧର୍ମ ଏବଂ ବିଶେଷ କରି ଜୁଆଙ୍ଗ, ଭୂୟାଁ, ସାନ୍ତାଳ ଓ ହୋ ଭଳି ପ୍ରମୁଖ ଆଦିବାସୀ ସମ୍ପ୍ରଦାୟର ସହଭାଗିତା ଏହି ଜିଲ୍ଲାକୁ ଏକ ସମୃଦ୍ଧ ସାମାଜିକ ସଂରଚନା ପ୍ରଦାନ କରିଛି, ଯେଉଁଠି ସରଳ ଜୀବନଯାପନ ସହ ବାର ମାସରେ ତେର ପର୍ବର ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳେ ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07
ବଣମଲ୍ଲୀର ମହକ
ISSN : 3108-2041

ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ, କେନ୍ଦୁଝରର ଭୌଗୋଳିକ ସ୍ଥିତି ଏହାର ଆଞ୍ଚଳିକ କଥିତ ଭାଷା ଗଠନରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ପାହାଡ଼, ଜଙ୍ଗଲ ଏବଂ ନଦୀନାଳ ଦ୍ୱାରା ବିଭକ୍ତ ବିଭିନ୍ନ ଜନପଦରେ ସୃଷ୍ଟି ହୋଇଥିବା 'ଉତ୍ତରାଞ୍ଚଳୀୟ ଓଡ଼ିଆ ଉପଭାଷା' ଏହି ଅଞ୍ଚଳର ଜନସାଧାରଣଙ୍କ ମୌଖିକ ଅଭିବ୍ୟକ୍ତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଧ୍ୱନିଗତ ପରିବର୍ତ୍ତନ (ଯେପରି 'ଲ' ସ୍ଥାନରେ 'ନ' କିମ୍ବା 'ଓ' ସ୍ଥାନରେ 'ଉ' ର ପ୍ରୟୋଗ), ସ୍ଥାନୀୟ ଜନଜାତିଙ୍କ ଭାଷାର ସଂସ୍ପର୍ଶ ଏବଂ ପଡ଼ୋଶୀ ସମ୍ବଲପୁରୀ ଭାଷାର ସ୍ପଷ୍ଟ ପ୍ରଭାବ ଏହି ଉପଭାଷାକୁ ଅଧିକ ସରସ ଓ ଆକର୍ଷଣୀୟ କରି ଗଢ଼ିତୋଳିଛି । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ ରୀତିନୀତି, ଗ୍ରାମ୍ୟ ଦେବାଦେବୀଙ୍କ ପୂଜା ଏବଂ ଦୈନନ୍ଦିନ ଘରୋଇ ବ୍ୟବହାରରେ ପ୍ରଚଳିତ ହେଉଥିବା ଅନନ୍ୟ ଆଞ୍ଚଳିକ ଶବ୍ଦାବଳୀ କେନ୍ଦୁଝରର ସାଂସ୍କୃତିକ ଜୀବନକୁ ଜୀବନ୍ତ କରି ରଖିଛି । କେନ୍ଦୁଝରର ଏହି ଆଞ୍ଚଳିକ ଉପଭାଷା କୌଣସି ଗୁଣରେ ମୂଳ ଓଡ଼ିଆ ଭାଷାଠାରୁ ପୃଥକନୁହେଁ, ବରଂ ଏହା ଓଡ଼ିଆ ସାହିତ୍ୟ ଓ ଭାଷାଭିତ୍ତିକ ସଂସ୍କୃତିକୁ ଅଧିକ ବ୍ୟାପକ ଏବଂ ରଙ୍ଗୀନ କରିବାରେ ସହାୟକ ହୋଇଛି । ଆଧୁନିକତାର ପ୍ରଭାବ ସତ୍ତ୍ୱେ ନିଜର ପାରମ୍ପରିକ ବିଶ୍ୱାସ, ସହଜ ସରଳ ଜୀବନଶୈଳୀ ଏବଂ ନିଜସ୍ୱ କଥିତ ଭାଷାର ମାଧୁର୍ଯ୍ୟକୁ ଅକ୍ଷୁର୍ଣ୍ଣ ରଖି କେନ୍ଦୁଝରବାସୀ ଓଡ଼ିଶାର ସାଂସ୍କୃତିକ ଓ ଭାଷାଗତ ଐତିହ୍ୟକୁ ସମୃଦ୍ଧ କରିବାରେ ଏକ ପ୍ରଶଂସନୀୟ ତଥା ଗୌରବମୟ ଭୂମିକା ନିର୍ବାହ କରି ଚାଲିଛନ୍ତି ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

**ସହାୟକ ଗ୍ରନ୍ଥସୂଚୀ -**

୧- ପ୍ରଧାନ, ରଞ୍ଜନ, 'ଜୁଆଙ୍ଗ ପର୍ବପର୍ବାଣୀ', କ୍ରିଏଟିଭ ଓଡ଼ିଶା, ସାନ ଜରିଆ, କଟକ – ୨୦୧୪

୨- ସାହୁ , ପ୍ରଫେସର ବାସୁଦେବ, ଭାଷା ବିଜ୍ଞାନର ରୂପରେଖ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ – ୨୦୧୫

୩- ନାୟକ, ଡ. କୃଷ୍ଣଚନ୍ଦ୍ର, 'କେନ୍ଦୁଝର ଲୋକ ନାଟକ', ବିଜୟିନୀ ପବ୍ଲିକେଶନ, କଟକ – ୨୦୧୩

୪- ଶତପଥୀ, ଡ. ରବୀନ୍ଦ୍ର କୁମାର (ସଂ) 'ବାଥୁଡ଼ି ', ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶନ – ୧୯୮୨

୫- ମହାପାତ୍ର, ବିଜୟ ପ୍ରସାଦ, 'ଓଡ଼ିଆ ଭାଷା ବିଭବ ' ବିଦ୍ୟାପୁରୀ, କଟକ ୨୦୧୭

୬- ପାଣିଗ୍ରାହୀ, ଡ. ସୁରେନ୍ଦ୍ର ନାଥ, 'ଓଡ଼ିଶାର ପର୍ବପର୍ବାଣୀ ଯାନିଯାତ୍ରା ଓ ଓଷାବ୍ରତ', ସତ୍ୟନାରାୟଣ ବୁକଷ୍ଟୋର, ବିନୋଦ ବିହାରୀ କଟକ - ୨, ୨୦୧୧

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

୭- ମିଶ୍ର, ଡ. ମହେନ୍ଦ୍ର କୁମାର 'ଲୋକ ସଂସ୍କୃତି ପରିକ୍ରମା' ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ, ପ୍ରଥମ ପ୍ରକାଶନ – ୧୯୯୬

୮- ମିଶ୍ର, ପ୍ରସନ୍ନ କୁମାର, 'ଓଡ଼ିଶାର କିମ୍ବଦନ୍ତୀ', ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ କଟକ, ୧୯୮୧

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

# ପୁସ୍ତକାଳୟ

ସସ୍ମିତା ମିଶ୍ର



ଧନୁପାଲି, ସମ୍ବଲପୁର
ଦୂରଭାଷ - ୭୦୦୮୧୬୯୭୭୩

Article No. 26072
Article Received On: 03-06-2026
Article Published On: 01-07-2026

ଏକ ଛୋଟ ସହରର ଶାନ୍ତ ଗଳିରେ ଥାଏ ଆକାଶ ବାବୁଙ୍କ ଘର । ବାହାରୁ ଘରଟି ସାଧାରଣ ଲାଗୁଥାଏ । ଧଳା କାନ୍ଥ, ଛୋଟ ଅଗଣା, ଅଗଣାରେ ଆମ୍ବଗଛ ଏବଂ ଶାନ୍ତ ପରିବେଶ । କିନ୍ତୁ ଘରର ଉପର ମହଲାରେ ଥିବା ଏକ ବଡ କୋଠରି ଥିଲା ତାଙ୍କର ସବୁଠାରୁ ପ୍ରିୟ ଜଗତ, ତାଙ୍କ ଦ୍ୱାରା ସଜାଯାଇଥିବା ପୁସ୍ତକାଳୟ । ସେ ପୁସ୍ତକାଳୟ ଆକାଶ ବାବୁଙ୍କ ପାଇଁ କେବଳ ଏକ କୋଠରି ନ ଥିଲା । ସେ ଥିଲା ତାଙ୍କର ପ୍ରିୟ ବନ୍ଧୁ, ତାଙ୍କ ଜୀବନର ଶାନ୍ତି ଏବଂ ନୀରବ ଆଶ୍ରୟ । ସେଠି କାଠର ଆଲମାରୀରେ ଥିବା ଶହ ଶହ ପୁସ୍ତକ ତାଙ୍କ ଜୀବନର ସବୁ ଅନୁଭବର ସାକ୍ଷୀ ଥିଲେ - କିଛି ସ୍ୱପ୍ନ, କିଛି ସଂଘର୍ଷ ଏବଂ କିଛି ଶାନ୍ତ ସଫଳତାର ।

କୋଠରୀର ଏକ କୋଣରେ ପଡିଥିଲା ଏକ ସାଧାରଣ କାଠର ଟେବଲ-ଚଉକି । ଟେବଲ ଉପରେ ଥାଏ କିଛି ଖୋଲା ପୁସ୍ତକ, ଡାଏରୀ,

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

କଲମ୍ ଓ ଗରମ ଚା' କପ । ଆକାଶ ବାବୁଙ୍କ ଦିନର ଅଧିକାଂଶ ସମୟ ସେଇଠି ହିଁ କଟେ । ସେଠି ସେ ଘଣ୍ଟା ଘଣ୍ଟା ବସି ବହି ପଢ଼ନ୍ତି, ନିଜେ ଲେଖନ୍ତି କବିତା ଓ ଗଳ୍ପ ଏବଂ ନିଜ ଭାବନା ସହ ବି କଥାହୁଅନ୍ତି ।

ପ୍ରତ୍ୟେକ ଶନିବାର ଏବଂ ରବିବାର ଆକାଶ ବାବୁଙ୍କ ଘରେ ଜମେ ସାହିତ୍ୟ ପ୍ରେମୀଙ୍କ ଆସର । କେତେ ନୂଆ ଗଳ୍ପ ଓ କବିତାର ଜନ୍ମ ହୁଏ, କେତେ ପୁସ୍ତକର ସମୀକ୍ଷା କରାଯାଏ ସେଠି ଏବଂ ହୁଏ ଅନେକ ସାହିତ୍ୟ ଚର୍ଚ୍ଚା । ସାହିତ୍ୟପ୍ରେମୀଙ୍କ ପୁସ୍ତକ ସହ ଆଉ ଗୋଟେ ପ୍ରିୟ ଜିନିଷ ଥାଏ - କପେ ଗରମ ଚା' ।

କିନ୍ତୁ ଧୀରେ ଧୀରେ ସମୟ ବଦଳିଲା । ପୁସ୍ତକାଳୟର ସେ କାଠ ଟେବୁଲ ଚେୟାର'ର ସ୍ଥାନ ନେଇ ଯାଇଛି ସୁନ୍ଦର ସନମାଇକା ଲାଗିଥିବା କମ୍ପ୍ୟୁଟର ଟେବୁଲ । ବାର୍ତ୍ତମାନ ସେଠି ନା ଅଛି ଡାଏରି ନା ଅଛି ସେ କଲମ ସ୍ୟାହିର ସୁଗନ୍ଧ । ତା'ର ଜାଗା ନେଇ ଯାଇଛି ଲାପଟପ ଓ ଡିଜିଟାଲ ନୋଟପେଡ଼ ଏବଂ ସେଇ ପୁସ୍ତକଭରା ଶାନ୍ତ ବାତାବରଣକୁ ଢାଙ୍କି ଦେଇଛି ଲାପଟପ ସ୍କ୍ରିନର ନୀଳ ଆଲୋକ ।

ସେଇ କୋଠରୀରୁ ଏବେ ମଧ୍ୟ ବିଭିନ୍ନ ଶବ୍ଦ ଶୁଣା ଯାଉଥିଲା । କିନ୍ତୁ ତାହା ସାହିତ୍ୟ ଚର୍ଚ୍ଚାର ତାର୍କିକ ସ୍ୱର ନଥିଲା କି ନଥିଲା କବିତାର ମଧୁର ଧ୍ୱନି । ସେ ଥିଲା କିବୋର୍ଡର ଟକ୍-ଟକ୍, ନୋଟିଫିକେସନ୍ ପିଂ ପିଂ ଭଳି ଶ୍ରୁତିକଟୁ ଶବ୍ଦ । ସେଥିରେ ପୂର୍ବପରି ଧ୍ୱନିର ମାଧୁର୍ଯ୍ୟ ନଥିଲା । ଆକାଶ ବାବୁ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07
ବଣମଲ୍ଲୀର ମହକ
ISSN : 3108-2041

ତଥାପି ପ୍ରତି ସନ୍ଧ୍ୟାରେ ଘରର ସେହି କୋଣକୁ ଆସୁଥିଲେ । ଲାପଟପରେ କିଛି ପଢୁଥିଲେ କିଛି ଲେଖୁଥିଲେ ମଧ କିନ୍ତୁ ଆଖି କେବେ କେବେ ପାଖରେ ପଡ଼ିଥିବା ଧୂଳି ଲାଗିଥିବା ପୁସ୍ତକଗୁଡ଼ିକୁ ଦେଖୁଥିଲା । ସତେ ଯେମିତି ସେ ପୁସ୍ତକଗୁଡ଼ିକ ତାଙ୍କୁ ଡାକୁଛନ୍ତି ଓ କହୁଛନ୍ତି -

"ଆମକୁ ଖୋଲ... ଆମକୁ ପୁଣି ପଢ଼..."

କିନ୍ତୁ ସମୟ ତାଙ୍କୁ ଆଗକୁ ଟାଣିନେଉଥିଲା । ଦିନେ ଘର ଅଧିକ ଶାନ୍ତ ହୋଇଗଲା । ଆଲୋଚନା କମିଗଲା । ସାଥି ହାରା ହୋଇଗଲା । study table ଏବେ ସମ୍ପୂର୍ଣ୍ଣ computer table ହୋଇଗଲା ।

ଆଉ ଶେଷରେ... ଏକ ରାତି, ସବୁକିଛି ନିରବ ଥିଲା । ସ୍କ୍ରିନ୍ ବନ୍ଦ ଥିଲା । ଘର ଶାନ୍ତ ଥିଲା । ଆକାଶ ବାବୁ ତାଙ୍କ ଚେୟାରରେ ବସି ରହିଗଲେ, ପାଖରେ computer table, ଆଉ ପଛରେ ଚୁପଚାପ ଠିଆ ଥିବା ପୁସ୍ତକାଳୟ । ସେହି ରାତି ପରେ ଆକାଶ ବାବୁ ଆଉ ନଥିଲେ । କିନ୍ତୁ ତାଙ୍କ ଘର ରହିଗଲା । ଆଉ ସେ computer table ପଛରେ ଲୁଚିଥିବା ପୁସ୍ତକଗୁଡ଼ିକ ଏବେ ବି ଅପେକ୍ଷା କରୁଛନ୍ତି - ଯେଉଁଠାରେ ଶବ୍ଦ ନୁହେଁ, ଅନୁଭବ କେବଳ ଜୀବନ୍ତ ଥିଲା ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବର୍ଣ୍ଣମଲ୍ଲୀର ମହକ
ISSN : 3108-2041

# ଭାବିନେବ.. କିଛିକାଳେ

ତପନ ଦୀକ୍ଷିତ (ବେଳାଭୂମି)



ନାସିକେଶ୍ୱର, କାକଟପୁର, ପୁରୀ
ଦୂରଭାଷ - ୯୫୩୭୪୦୦୭୪୪

Article No. 26073
Article Received On: 10-06-2026
Article Published On: 01-07-2026

ବେଳେବେଳେ ଇଚ୍ଛା ହୁଏ
ଜହ୍ନ କୁ ମୁଠେଇ ଧରି
ଜାହ୍ନବୀକୁ ଚଳୁ କରି ଫେରିଯିବି ତୁମପାଖୁ

ନିଝୁମ୍ ରାତିର ସେଇ ଚତୁର୍ଥ ପ୍ରହରେ
ହେଲେ.. ତୁମେ
ଭାବିନେବ କିଛି କାଳେ ?
ତୁମର ସେ ପାପ ପୁଣ୍ୟ ବିଚାର ଧାରାରେ ?

ସବୁଠାରୁ ଭଲ..
ତମସାରେ ରହିବାକୁ ଦିଅ
ଆଉଥରେ ଆସିବାକୁ ଦିଅ ମୋତେ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

କେଉଁ ଏକ ଅନ୍ୟ ଜନମରେ..,
ଦାହକରି ଏ ଦେହକୁ
ନିରୋଳା ମଶାଣି ଛାତି.. କୁଆଁର ଘାଟରେ... ।।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07
ବଣମଲ୍ଲୀର ମହକ
ISSN : 3108-2041

# ଲେଖିବାରେ ମୋର

ତାରାପ୍ରସାଦ ଜେନା



ରାଜ ରଣପୁର
ଜିଲ୍ଲା - ନୟାଗଡ଼, ପିନ୍ - ୭୫୨୦୨୬
ମୋ - ୯୪୩୪୮୦୫୪୩୦୦

Article No. 26074
Article Received On: 02-06-2026
Article Published On: 01-07-2026

ଲେଖିବାରେ ମୋର ତୁମ ବାହ୍ୟ ରୂପ
ଝଲକି ଦେଇଛି ଗଢ଼ି
ମନ ଭିତରଟା ଗଢ଼ିଦେବା ପାଇଁ
ଆଗକୁ ପାରିନି ବଢ଼ି
ଲେଖିବାରେ ମୋର ତୁମ ବାହ୍ୟ ରୂପ...॥୦॥

କେତେବେଳେ ପ୍ରେମ କେତେବେଳେ ଘୃଣା
ସାଜିଛ ଜୀବନ୍ତ ମୂର୍ତ୍ତି
କେମିତିକା ମୁଁଯେ ତୁମ ରୂପ ଦେଇ
ରଖିବି ସୁନ୍ଦର କୀର୍ତ୍ତି,

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07
ବଣମଲ୍ଲୀର ମହକ
ISSN : 3108-2041

ସେଥିପାଇଁ ପରା ବ୍ୟତିକ୍ରମ ହେଲି
ମୋ ସାଥେ ରାଗୁଛ ଚଢ଼ି
ଲେଖିବାରେ ମୋର ତୁମ ବାହ୍ୟ ରୂପ...॥୧॥

ନାୟିକାରୁ ତୁମେ ଖଳ ନାୟିକାର
ସାଜିଛ ଏମିତି ବେଶ
ବେଳେବେଳେ ତୁମ ଅଭିନୟ ଦେଖି
ଅମୃତ ପାଲଟେ ବିଷ,
ତୁମ ଅଧରକୁ ହସ ବେଖାତିର୍
ମାନୁନି ଗୋଲାପ କଢ଼ି
ଲେଖିବାରେ ମୋର ତୁମ ବାହ୍ୟ ରୂପ...॥୨॥

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

# କେବେ ଗୋ ଆସିବ ସହି

ଡଃ ଶେଖର ବନମାଳୀ ଚନ୍ଦ୍ର ନାମଦେଓ



ସମ୍ପାଦକ, ଗୁଦଗୁଦା ସାହିତ୍ୟ ସଂସଦ, କୁଚିଣ୍ଡା

Article No. 26075
Article Received On: 04-06-2026
Article Published On: 01-07-2026

ଆଞ୍ଜୁଳା  ମେଲି ଚନ୍ଦ୍ର ଚାହିଁଛି
କେବେ ଗୋ ଆସିବ ସହି
ପୂର୍ଣ୍ଣମୀ ରାତି ଆଲୋକିତ ଆଜି
ଆଲୋକିତ ଧାରା  ଭୂଇଁ
କେବେ ଗୋ ଆସିବ ସହି...II

କଇଁ ଝୁରୁଅଛି ମୁକୁଳିତ ହୋଇ
ମୃଦୁ ମଳୟକୁ ନେଇ
ବେପଥୁ ଉତ୍ତାଳ ତରଙ୍ଗ ଖୋଜୁଛି
ତୁମ ବାଟ ଚାହିଁ ଚାହିଁ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07
ବଣମଲ୍ଲୀର ମହକ
ISSN : 3108-2041

ଫେରି ଆସ ଆଗୋ କୁନ୍ତଳ କେଶି
ରାତ୍ରି ଯାଉଛି ପାହି..
କେବେ ଗୋ ଆସିବ ସହି...।।

ପକ୍ଷୀ ଗୁଞ୍ଜରଣ ନୂପୁରର ତାନ
ଭାବନା ଦିଏ ଜଗାଇ
ଆସିବ ଆସିବ ବୋଲି ମନ କହେ
ଆଖି ଲୁହ ଯାଏ ବହି
ଝାଉଁଳି ଯାଉଛି ମନ ଦରପଣ
ମଉଳି ଯାଉଛି କଇଁ...
କେବେ ଗୋ ଆସିବ ସହି...।।

ନୀଡ଼ ଛାଡି ଯିବ ଉଡିବା ପୂର୍ବରୁ
ଦିଅ ଜୀବନ ସଞ୍ଚରି
ଅଙ୍କୁରିତ ହେଉ ତୃଣ ମରୁ ମଧ୍ୟେ
ସିଞ୍ଚି ଦିଅ ଆଶା ବାରି
ମଳିନ ହେଲାଣି ଚନ୍ଦ୍ର ମୁଖ ଯେ
ବାଦଲ ଗଲାଣି ଛାଇ...
କେବେ ଗୋ ଆସିବ ସହି...।।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07
ବର୍ଣମାଳାର ମହକ
ISSN : 3108-2041

ତରୁ-ଲତା ଚାହେଁ ତୁମ ଆଗମନି
କାମନାର ତୃଷା ନେଇ
ଝରି ପଡୁଥାଏ ଅକୁହା ବେଦନା
ଶିଶିର କଣିକା ହୋଇ
ଆସିବ କି ସତ କୁହ ଗୋ ପ୍ରେୟସୀ
ଚାହିଁଛି ଚାତକ ହୋଇ...
କେବେ ଗୋ ଆସିବ ସହି...॥

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

# କାଗେଜି ଫୁଲ

ଇଂ ତୃପ କୁମାର ପାତ୍ର



ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ପୋଟେରୁ ଜଳସେଚନ ପ୍ରକଳ୍ପ
ବାଲିମେଳା, ମାଲକାନଗିରି, ଓଡିଶା
ଦୂରଭାଷ - ୬୩୭୧୪୨୮୨୪୬

Article No. 26076
Article Received On: 02-06-2026
Article Published On: 01-07-2026

ଶୀତୁଆ ସକାଳ କୁହୁଡି ବାଦଲ ମୁହଁ ଚିହ୍ନା ଚିହ୍ନି ନାହିଁ
ସିଧା ଲମ୍ବା ରାସ୍ତା ମଇଁଷି ପିଠିଆ ଆଗକୁ ଦେଖିବା ପାଇଁ ।।
ମଳି ମଳି ଆଖି ଚାହିଁବାକୁ ପଡେ ବିଜୁଳି ବତୀ ତରାଶ
ପାଖ ମାଡିଗଲେ ଜଣାଶୁଣା କିଏ ମୁହଁରେ ମୁରୁକି ହସ ।।
ଗହଳ ଚହଳ ସକାଳୁଆ ଚାଲି ଉତ୍ତମ ସ୍ୱାସ୍ଥ୍ୟ ନିମିତ୍ତ
ଯୋଗ ପ୍ରାଣାୟାମ ଦଉଡା ଦଉଡି ଧର୍ମୀୟ ରୀତି ସହିତ ।।
ଗୁଲି ଗପ ଚାଲେ ମୋଟା ଦେହ ହଲେ ପତଳା ସାଜିବା ଆଶା
ସ୍ୱାସ୍ଥ୍ୟବାନ ଥିଲେ ଚାକିରୀ ମିଳିବ ପିଲାମାନଙ୍କ ଭରସା ।।
ବନ୍ଧୁ ଦେଖାହେଲେ ବହୁ ଦିନ ପରେ ଚେହେରା ବଦଳି ଥାଏ
ଚିହ୍ନିବାକୁ କଷ୍ଟ ପରିଚୟ ଦେଲେ ଭୁଲ ବୁଝିବ କି ସିଏ ।।

---

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

ମୁହଁର ସରମ ପରିତ୍ୟାଗ କରି ମନରେ ସାହସ ଭରି
ପଚାରିଲି ବନ୍ଧୁ ଗୋବିନ୍ଦ କି ତମେ ତମ ସାଙ୍ଗେ ପଢୁଥିଲି ॥
ଏତେ ଦିନ ପରେ ଏତେ ଦୂରେ ଯାଇ ବନ୍ଧୁ ସାଙ୍ଗେ ଦେଖା ହେଲା
କୁଣ୍ଢେଇ ପକେଇ ଏକା ମିନିଟରେ ସବୁ ବୁଝି ନେଇ ଗଲା ॥
ଘର ପରିବାର ଚାକିରୀ ଜୀବନ ସକଳ ବୃତ୍ତାନ୍ତ ଯୋଡି
ଦୁହେଁ ଦୁହିଁଙ୍କର ନୂଆ ଓ ପୁରୁଣା ଖୋଲି ଦେଲୁ ଗପ ପେଡି ॥
ଯିବା ଓ ଲେଉଟା କେତେବେଳ ହେଲା ଜମା ଜଣା ପଡୁନାହିଁ
ବନ୍ଧୁର ବଙ୍ଗଳା ରଙ୍ଗୀନ ଆଲୋକେ ଝଲମଲ ଦିଶୁଥାଇ ॥
ଠିଆ ହେଲୁ ଯାଇ ବନ୍ଧୁର ବଙ୍ଗଳା ସୁସଜ୍ଜିତ ମୁଖଦ୍ୱାର
ତାରକସି ପରେ ଓହଳଇ ଫୁଲ ଲତାଦେହୁ କି ସୁନ୍ଦର ॥
ଗୋଲାପୀ ରଙ୍ଗର ପାଖୁଡ଼ା ପାଖୁଡ଼ା ଟାଆଁସିଆ କଣ୍ଟା ସାଙ୍ଗ
ଭୁରୁଭୁରୁ ବାସ୍ନା ନ ବାସିଲେ ମଧ୍ୟ ମନଜିଣା ରୂପରଙ୍ଗ ॥
ଠାକୁର ଦେହରେ ସାଜେ ନାହିଁ କେବେ ପୂଜାରେ ଅର୍ପଣ ନାହିଁ
କୁମାରୀ ଗଭାର ଶୋଭା ବଢ଼ାଏନି ସଭାରେ ନ ଖୋଜେ କେହି ॥
ତଥାପି ସେ କେବେ ଆଶା ବାନ୍ଧିନାହିଁ ଭଲ ଫଳ ପାଇବାକୁ
ଫୁଟି ଝଡ଼ିଯାଏ ପୁଣି ଫୁଟୁଥାଏ ମୁଖଦ୍ୱାର ସାଜିବାକୁ ॥
ଯିଏ ଯାହା କହୁ ଯିଏ ଯାହା ଦେଖୁ ନାହିଁ ଟିକିଏ ଖାତିର
ପ୍ରକୃତିର ଧର୍ମ ପାଳନରେ ରତ ଥାଏ ସଦା ତତ୍ପର ॥
ଏହି ଚିନ୍ତାଧାରା ପୋଷଣ କରିକି ଗୃହ ଶୋଭା ବଢ଼ାଉଛି
ବାସନା କି ରସ ଦେହେ ନ ଥିଲେ ହେଁ ଅଗ୍ରବାଡ଼ ଜଗିଅଛି ॥

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

ଏଇ ଭଳି ଯଦି ମାନବ ଜଗତ ଥରୁଟିଏ ହୃଦେ ମଣେ
ଗୀତାର ମହତ୍ତ୍ୱ ବୁଝିବ ଦୁନିଆଁ ବିନା ପାଠ ପାରାୟଣେ ॥
ଗୁରୁଜ୍ଞାନ ଦିଏ ଏ କାଗେଜି ଫୁଲ ହସି ହସି ପ୍ରତିଦିନ
ଯେତେବେଳେ ଯାଏ ସେଇପାଖ କଥା ହେବା ପାଇଁ ମନ ॥

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

# ପ୍ରିୟ ପୁରୁଷ

ଅନୁରାଧା ମହାପାତ୍ର



ବୈତରଣୀ ରୋଡ, ଯାଜପୁର
ଦୂରଭାଷ - ୭୩୭୭୧୨୨୮୧୪

Article No. 26077
Article Received On: 02-06-2026
Article Published On: 01-07-2026

ଅଲେଖା କବିତା ଗୁଡ଼ିକୁ
ପ୍ରିୟ ପୁରୁଷ ପାଇଁ
ମୋ ମନରେ ସାଇତି ରଖିଛି ।

କାହିଁ କେତେ ରାତି ଅନିଦ୍ରା ହୋଇ
ଅସୁମାରୀ ଭାବନା ସବୁକୁ
ଶବ୍ଦର ରୂପ ଦେଇଛି ।

କେବେ କିନ୍ତୁ ଲେଖିନି
ମୋ ଡ଼ାଏରୀ ପୃଷ୍ଠାରେ
ମୋ ମନର ଅକୁହା କଥା ସବୁକୁ ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ପ୍ରିୟ ପୁରୁଷର ସେଇ ସୌନ୍ଦର୍ଯ୍ୟ
ମୋ ମନକୁ ଆକର୍ଷିତ କରି
ମୋ ନିଦକୁ ବାରମ୍ବାର ଭାଙ୍ଗିଛି ।

ତାର ମିଠା ମିଠା କଥା
ମତେ ମନ୍ତ୍ରମୁଗ୍ଧ କରିଛି ବୋଲି
ମୁଁ ଏବେ ଏବେ ଭାବୁଛି ।

ଆଦ୍ୟ ଆଷାଢ଼ରେ
ପ୍ରେମରଙ୍ଗ ଛୁଇଁଚି ବୋଲି
ବୋଧହୁଏ ମତେ ମେଘରାଜା କହିଛି ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

JULY - 2026
VOL.02 - ISSUE.07

ବଣମଲ୍ଲୀର ମହକ
ISSN : 3108-2041

## Board of Editors

Mr. Laxminarayan Pattanaik
Post Graduate in CA, Journalism
Serve as PR at DOWR, Odisha

Mr. Salila Kumar Swain
M.A in English M.Ed.
Teacher, Education Dept. Odisha

Mr. Bibhuti Bhusan Hota
M.A in English, LLM
Lecturer, Education Dept. Odisha

Mrs. Debahuti Pattanaik
M.A in Odia, M. Phil
Asst. Professor, KISS, BBSR

Dr. Mangalika Mohapatra
M.Sc, M.Ed, M.Phil, Ph.D
Lecturer, Ravenshaw University

Dr. Laxman Sahoo
M.A. in Odia, Ph.D
Principal, MVWDC, Cuttack

Mr. Sidheswar Tripathy
M.A. in Odia
Astro Mentor, CRA, Odisha

## Advisory Council

Er. Dipti Ranjan Panda
B.Sc in Civil Engg. (Ph.D)
Former EIC, DOWR, Odisha

Mr. Trilochan Das
B.A, B.Ed.
Teacher, Education Dept. Odisha

Mr. Nishikant Kahalsingh
M.Sc in Zoology, B.Ed, D. in P.Col
Teacher, Education Dept. Odisha

Mr. Ranganath Rath
M.A in Odia
Former ASO, Finance Dept. Odisha

Mr. Prafulla Chandra Mishra
B.A
Former Inspector, Odisha Police

Mr. Gopal Kishore Sen
B.Sc, B.Ed.
Teacher, Education Dept. Odisha

Mr. Gopal Chandra Sao
M.A. in Odia
Office Assistant, DOWR, Odisha

*Address: Banamallira Mahak, Mangalajodi, Khordha, Odisha - 752023 IN*
*Email: emagazinebanamalli@gmail.com | Phone: 9437183937 / 8249792904*
*Website: https://www.banamalli.org*

